# ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,(ଆପ୍ର): ପ୍ରଥମ କରି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଇଡ଼କଲ ଅଡ଼ିଟୋରିୟମ୍‌ରେ ପାଳିତ ହୋଇଛି । ବିଶ୍ୱବିଦ୍ୟାଳୟର ଇଣ୍ଟରନେଟ୍ ରେଡ଼ିଓ ଓ କଲେଜର ଲୋଗୋକୁ ଉନ୍ମୋଚିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ଭବିଷ୍ୟତରେ ଏହା ଛାତ୍ରମାନଙ୍କ ପାଇଁ ଏକ ଉପଯୋଗୀ, ସୁଦୃଢ଼ ବିଶ୍ୱବଦ୍ୟାଳୟ ରୂପେ ସାହାଯ୍ୟ କରିବ ବୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଇଗ୍ନୋର ପୂର୍ବତନ କୁଳପତି ଏଚ୍.ପି ଦୀକ୍ଷିତ୍ କହିଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀକାନ୍ତ ମହାପାତ୍ର କହିଲେ ପ୍ରଥମ ୬ ମାସ ଆମ ପାଇଁ ଏକ ମୁକାବିଲାର ସମୟ ଥିଲା । ଡିପ୍ଲୋମା ଓ ସାର୍ଟିଫିକେଟ୍ ପାଠ୍ୟକ୍ରମରେ ୧୪ଟି କୋର୍ସ ପ୍ରଦାନ କରୁଛି । ପ୍ରଥମେ ଆମେ ୧୫ଟି ଜିଲ୍ଲାରେ ଷ୍ଟଡ଼ି ସେଣ୍ଟର ଖୋଲିଥିଲୁ ବର୍ତ୍ତମାନ ଆମେ ୧୦୦ ଜାଗାରେ ଷ୍ଟଡ଼ି ସେଣ୍ଟର ଖୋଲିବୁ । ପୁରା ଦେଶ ଓ ଦେଶ ବାହାରେ ଇଣ୍ଟରନେଟ୍ ରେଡ଼ିଓ ମାଧ୍ୟମରେ କଲେଜ ବିଷୟରେ ଜାଣିପାରିବେ ଶୁଣିପାରିବେ । ଅନ୍ୟାନ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଏକେ ଦାସ, ଲଃ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀକ୍ରିଷ୍ଣା ଦେବ ରାଓ ଓ ବିବେକାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ ।